~ ଓଡ଼ିଆ ଉଇକିପିଡ଼ିଆର କିଛି ଦରକାରୀ ଲିଙ୍କ ଓ ଇମେଲ ~

ଓଡ଼ିଆ ଉଇକିପିଡ଼ିଆ

[ http://or.wikipedia.org ]

ଓଡ଼ିଆ ଉଇକିପିଡ଼ିଆ ଇମେଲ ସାହାଯ୍ୟ

[ wikipedia-or@lists.wikimedia.org ]

[ odiawiki@gmail.com ]

ଓଡ଼ିଆ ଉଇକିପିଡ଼ିଆ ମେଲ ତାଲିକାରେ ନାଆଁଲେଖାଇବା

[ https://lists.wikimedia.org/mailman/listinfo/wikipedia-or ]

ଓଡ଼ିଆ ଉଇକିପିଡ଼ିଆରେ ଆହୁରି ସାହାଯ୍ୟ

[ http://or.wikipedia.org/wiki/help:Content ]

ଫେସବୁକ ଓ ଟୁଇଟରରେ ଓଡ଼ିଆ ଉଇକି

[ facebook.com/OdiaWiki ]

[ twitter.com/OdiaWiki ]

# ଉଇକି
# ଉଇକିପିଡ଼ିଆ
# ଓଡ଼ିଆ ଉଇକିପିଡ଼ିଆ

## ଉଇକିପିଡ଼ିଆ ଉପରେ ଥରକୁଥର ପଚରାଯାଉଥିବା ପ୍ରଶ୍ନସବୁର ଉତ୍ତର

**ଉଇକିପିଡ଼ିଆ**
ଏକ ଖୋଲା ଜ୍ଞାନକୋଷ

ଉଇକି, ଉଇକିପିଡ଼ିଆ, ଓଡ଼ିଆ ଉଇକିପିଡ଼ିଆ – ସଙ୍କଳନ ୧.୦, ୨୨ ମାର୍ଚ୍ଚ ୨୦୧୧
ସଙ୍କଳନ ୧.୧, ୨୬ ଜୁନ ୨୦୧୧
© କପିରାଇଟ: ଓଡ଼ିଆ ଉଇକି ସଙ୍ଘ

## ନୀତି ନିୟମ

ଏହି ପ୍ରଶ୍ନ ବହିଟି (FAQ Booklet) କ୍ରିଏଟିଭ କମନ୍ସ ଆଟ୍ରିବୁସନ-ସେଆର ୩.୦ ଅନପୋର୍ଟେଡ ସିସି-ବାଇ-ଏସଏ (Creative Commons Attribution-Share Alike 3.0 Unported - CC-BY-SA) ଅନୁସାରେ ତିଆରି । ଆପଣ ଯେତେଯାଏଁ ଏହି ଲାଇସେନ୍ସଟିକୁ (ଆଗ ଓ ପଛ ମଲାଟକୁ ମିଶାଇ) ମାନୁଥିବେ ସେତେଯାଏଁ ଏହାକୁ ବ୍ୟବହାର କରିପାରିବେ । ଲାଇସେନ୍ସକୁ ମାନୁଥିବା ଯାଏଁ ଆପଣ ଏହି ବହିଟିରେ ଲେଖା ମିଶାଇ ପାରିବେ ବା ଲେଖାର ମାନ ବଢ଼ାଇପାରିବେ । ସେଇ ସମାନ ସର୍ତ୍ତରେ ଆପଣ ବଦଳାଇ/ନ ବଦଳାଇ ଏହାକୁ ଆଉଥରେ ବାଣ୍ଟିପାରିବେ । ଏହାକୁ କାହାକୁ ବାଣ୍ଟିଲାବେଳେ ଆପଣଙ୍କୁ ଓଡ଼ିଆ ଉଇକି ସଙ୍ଘକୁ ମାଲିକାନା ଦେବାକୁ ପଡ଼ିବ । ଏହାର ଅନଲାଇନ ସଙ୍କଳନ http://creativecommons.org/licenses/by-sa/3.0 ରେ ମିଳିପାରିବ ।

ଉଇକିପିଡ଼ିଆ ଲୋଗୋ ଉଇକିମିଡ଼ିଆ ସଙ୍ଘ ଦ୍ୱାରା କପିରାଇଟ କରାଯାଇଅଛି । ଏଥିରେ ଥିବା ଉଇକିମିଡ଼ିଆର ମୂଳ ଲୋଗୋ ଓ ଡିଜାଇନ ଉଇକିମିଡ଼ିଆର ବାକି ପ୍ରକଳ୍ପରେ ବ୍ୟବହାର କରାଯାଇଅଛି । ଉଇକିପିଡ଼ିଆ ଲୋଗୋ ଓ ଡିଜାଇନର ବ୍ୟବହାର ଉଇକିମିଡ଼ିଆର ଟ୍ରେଡମାର୍କ ନୀତି ଓ ଦେଖଣା ପରିଚୟ (ଭିଜୁଆଲ ଆଇଡେଁଟିଟି) ନିୟମ ଭିତରେ ଓ ଉଇକିମିଡ଼ିଆ ସଙ୍ଘର ଅନୁମତି ଦରକାର ପଡ଼ିପାରେ । ଯଦି ଆପଣ ଉଇକିପିଡ଼ିଆର ଲୋଗୋ ବ୍ୟବହାର କରିବାକୁ ଚାହାଁତି ଆପଣଙ୍କୁ ଉଇକିପିଡ଼ିଆ ସଙ୍ଘରୁ ଅନୁମତି ନେବାକୁ ପଡ଼ିବ ।

## ଆମେ ଦାୟୀ ନୋହୁଁ

ଏହି ବହିଟି ଆପଣଙ୍କ କାମରେ ଲାଗିବ ବୋଲି ଆଶା, ତେବେ ଆପଣଙ୍କୁ ଏକଥା ଜାଣିବାକୁ ପଡ଼ିବ ଯେ ଯେଉଁମାନେ ଏହାକୁ ତିଆରି କରିଛନ୍ତି ସେମାନେ ଏହା ପାଇଁ ଦାୟୀ ହେବେ ନାହିଁ । ଏଥିରେ ଯଦି କିଛି ଭୁଲ ଭଟକା ଥାଏ କିମ୍ବା ଏହାଦେଇ କିଛି ନୀତିଗତ କ୍ଷତି ହୁଏ ତେବେ ଗଢ଼ାଳି, ଲେଖକ, ପ୍ରକାଶକ, ଓଡ଼ିଆ ଉଇକିପିଡ଼ିଆ ଅବା ଉଇକିମିଡ଼ିଆ ସଙ୍ଘ ତାହା ପାଇଁ ଦାୟୀ ରହିବ ନାହିଁ ।

***ଶ୍ରେୟ:**

ଭିତର ଭାଗ: ସୁଭ ପା
ଆଶୁତୋଷ କର

ଅକ୍ଷର ସଜାଣି: ସୁଭ ପା

*ମୂଳ ଲେଖାର କିଛି ଭାଗ ମାଲ୍ୟାଲମ ଉଇକି ସଙ୍ଘଠାରୁ ନିଆଯାଇ ଓଡ଼ିଆରେ ଅନୁବାଦ କରାଯାଇଅଛି ।

## ଇନସ୍କ୍ରିପ୍ଟ କି-ବୋର୍ଡ଼ ସଜାଣି



ଇନସ୍କ୍ରିପ୍ଟ ଭାରତ ସରକାରଙ୍କ ସି-ଡାକ (C-DAC) ଦେଇ ତିଆରି ହୋଇଛି । ଏହା ଏକ ସରକାରି ମାନକ ଟାଇପକରା ଟୁଲ ।ଇନସ୍କ୍ରିପ୍ଟରେ ଲେଖିବା ବେଳେ ଟ୍ରାନସଲିଟରେସନର ଉଚ୍ଚାରଣ ନିୟମ କାମକରେ ନାହିଁ, ଏହା ପୁରାପୁରି ଅଲଗା । ଏଥିରେ ଅକ୍ଷର ସବୁର ସଜାଣି ଆମର ବ୍ୟବାହାରରେ ଲାଗୁଥିବା ଅକ୍ଷର ସବୁକୁ ନେଇ ତିଆରି କରାଯାଇଛି । ଉପରେ ଥିବା ଚିତ୍ରଟି ଆପଣଙ୍କ ଇଂରାଜୀ କି-ବୋର୍ଡ଼ରେ କେଉଁ 'କି' ଦବାଇଲେ କେଉଁ ଓଡ଼ିଆ ଅକ୍ଷର ଦେବ ତାହା ଦେଖାଯାଇଛି, ତେବେ ଏଥିରେ ଯୁକ୍ତାକ୍ଷର ଗୁଡ଼ିକୁ ବି ଲେଖିହେବ, ଯୁକ୍ତାକ୍ଷର ଲେଖିବା ପାଇଁ ଆପଣଙ୍କୁ ହଳନ୍ତ ( ୍ ) ର ବ୍ୟବହାର କରିବାକୁ ପଡ଼ିବ । ଯେମିତି କି-

'ଙ୍କ' ଲେଖିବା ପାଇଁ ଆପଣଙ୍କୁ ( Udi ) ଟାଇପ କରିବାକୁ ପଡ଼ିବ
'ମ୍ବ' ଲେଖିବା ପାଇଁ ( cdb ) ଟାଇପ କରିବାକୁ ପଡ଼ିବ

| ଯୁକ୍ତାକ୍ଷର | ଇଂରାଜୀ |
|---|---|
| ଣ୍ଣ | MdN |
| ପ୍ପ | Pdp |
| ଙ୍କ | Udk |
| ଞ୍ଚ | shift + ] +d + ; |
| ଞ୍ଜ | Shift + ] + d + p |
| କ୍ଷ | K + < |
| ଜ୍ଞ | P + d + Shift + } |
| ସ୍ମ୍ୟ | Mdcd/ |
| ମ୍ମ | CdC |
| ଷ୍ମ | <dC |

## ଯୁକ୍ତାକ୍ଷର

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| କ୍ଷ | ଜ୍ଞ | କ୍କ | କ୍ଖ | ଗ୍ଗ | ଗ୍ଘ | ଚ୍ଚ | ଚ୍ଛ | ଜ୍ଜ | ଜ୍ଝ | ଟ୍ଟ | ଟ୍ଠ | ଡ୍ଡ | ଣ୍ଣ |
| xa | Qa | kka | kkha | gga | ggha | cca | ccha/cCa | jja | jjha | TTA | TTha | DDa | NNa |
| ତ୍ତ | ତ୍ଥ | ଦ୍ଦ | ଦ୍ଧ | ନ୍ନ | ପ୍ପ | ପ୍ଫ | ବ୍ବ | ବ୍ଭ | ଦ୍ଭ | ମ୍ମ | ଙ୍କ | ଙ୍ଖ | ଙ୍ଗ |
| tta | ttha | dda | ddha | nna | ppa | ppha | bba | bbha | dbha | mma | nka | nkha | nga |
| ଙ୍ଘ | ମ୍ପ | ମ୍ଫ | ମ୍ବ | ମ୍ଭ | ଞ୍ଚ | ଞ୍ଛ | ଞ୍ଜ | ଞ୍ଝ | ନ୍ତ | ନ୍ଥ | ନ୍ଦ | ନ୍ଧ | ଣ୍ଟ |
| ngha | mpa | mpha | mba | mbha | nca | ncha/nCa | nja | njha | nta | ntha | nda | ndha | NTa |
| ଣ୍ଠ | ଣ୍ଡ | ଣ୍ଢ | କ୍ର | କ୍ତ | କ୍ଟ | ବ୍ଜ | ସ୍ଵ | ସ୍ନ | ସ୍ମ | ସ୍ୟ | ବ୍ଜ | ବ୍ଝ | ନ୍ହ |
| NTha | NDa | NDha | kra | kta | kTa | bja | swa | sna | sma | sya | bja | bjha | nha |
| ହ୍ନ | ହ୍ଣ | ଲ୍ହ | ହ୍ଲ | ଧ୍ୟ | ନ୍ତ୍ର | ଷ୍ଟ | ଷ୍ଚ | ଶ୍ଚ | ସ୍ତ | ସ୍ଥ | ଶ୍ଥ | ସ୍କ | ଷ୍କ |
| hna | hNa | lha | hla | dhya | ntra | Sca | shca | scha/sCa | sta | stha | Stha | ska | shka |
| ସ୍ଲ | ସ୍ଳ | ଶ୍ଳ | ଟ୍କ | ତ୍ମ | ତ୍କ | ଳ୍ପ | ଲ୍ଫ | କ୍ଲ | କ୍ଳ | ସ୍ମ | ଷ୍ମ | ବ୍ଦ | ବ୍ଧ |
| sla | sLa | SLa | Tka | tma | tka | Lpa | lpha | kla | kLa | sma | shma | bda | bdha |

ଓଡ଼ିଆ ଯୁକ୍ତାକ୍ଷର ଲେଖିବା ପାଇଁ ଆପଣଙ୍କୁ ତାହାର ଉଚ୍ଚାରଣକୁ ଆଖିରେ ରଖି ଟାଇପ କରିବାକୁ ପଡ଼ିବ, ଯେମିତିକି- ଆମ୍ବର 'ମ୍ବ' 'ମ୍' ଓ 'ବ' କୁ ନେଇ ତିଆରି, ତେଣୁ ଆପଣଙ୍କୁ 'm+ba' ଟାଇପ କରିବାକୁ ପଡ଼ିବ, ତେବେ ଗୋଟିଏ କଥା ସବୁବେଳେ ମନେ ରଖିଥିବେ ସବୁଯାକ ଯୁକ୍ତାକ୍ଷରର ଶେଷରେ ଗୋଟିଏ 'ସ୍ୱରବର୍ଣ୍ଣ' ରହିବ । ଏହି ଉପର ତାଲିକାଟିରେ ଓଡ଼ିଆରେ ବ୍ୟବହାର ହେଉଥିବା ପାଖାପାଖି ସବୁ ଯୁକ୍ତାକ୍ଷରକୁ ଏକାଠି ରଖାଯାଇଛି । ଗୋଟିଏ ଓଡ଼ିଆ ଯୁକ୍ତାକ୍ଷର ଓଡ଼ିଆରେ ଲେଖିବା ପାଇଁ ଆପଣଙ୍କୁ ଇଂରାଜୀରେ କଣ ଲେଖିବାକୁ ପଡ଼ିବ ତାହା ତା ତଳେ ଦିଆଯାଇଛି ।

ତେବେ ସାଧାରଣ ବ୍ୟବହାରରେ ସୁବିଧା ପାଇଁ କେତେଗୁଡ଼ିଏ ଯୁକ୍ତାକ୍ଷରକୁ ଆମେ ଗୋଟିଏ ଗୋଟିଏ ଇଂରାଜୀ କିରେ ଯୋଡ଼ିଛୁ । ଯେମିତି- 'କ୍ଷ' ପାଇଁ 'x' ଓ 'ଜ୍ଞ' ପାଇଁ 'Qa' ।



## ~ ଉଇକିପିଡ଼ିଆ ଉପରେ ଥରକୁ ଥର ପଚରାଯାଉଥିବା ପ୍ରଶ୍ନର ଉତ୍ତର ~

### ୧. ଉଇକିପିଡ଼ିଆ କଣ ?

ଉଇକିପିଡ଼ିଆ ଗୋଟିଏ ଖୋଲା ଅନଲାଇନ ଜ୍ଞାନକୋଷ ଯାହାକି ପୃଥିବୀ ସାରା ଲେଖକମାନଙ୍କ ଦ୍ୱାରା ଲେଖାଯାଇଅଛି । ଇଂରାଜୀ ଉଇକିପିଡ଼ିଆ ସବୁଠୁ ବଡ଼ ଉଇକିପିଡ଼ିଆ । ଏଥିରେ ପାଖାପାଖି ୩୪ ଲକ୍ଷ ଲେଖା ଅଛି । ୨୦ଟି ଭାରତୀୟ ଭାଷାକୁ ମିଶାଇ ଉଇକିପିଡ଼ିଆର ପ୍ରକଳ୍ପ ସବୁ ୨୭୫ରୁ ବେଶି ଭାଷାରେ ଅଛି। ଉଇକିପିଡ଼ିଆର ସବୁ ଲେଖା ନାନା ଲେଖକଙ୍କ ଦେଇ ସୁଧାରା ଯାଇଅଛି ।

ଉଇକିପିଡ଼ିଆର ସହ-ଗଢ଼ାଳି ଜିମି ୱେଲସ ଉଇକିପିଡ଼ିଆକୁ *"ଏକ ବହୁଭାଷୀ ଜ୍ଞାନକୋଷ ଯାହା ମାଗଣାରେ ପୃଥିବୀର ଯେକୌଣସି ପଢ଼ାଳିକୁ ତା ନିଜ ଭାଷାରେ ଲେଖିବା ଓ ପଢ଼ିବାରେ ସାହାଯ୍ୟ କରେ"* ବୋଲି କହନ୍ତି ।

ଏଥିରେ ଥିବା ସବୁ ତଥ୍ୟ, ମାଧ୍ୟମ (ଛବି, ଭିଡ଼ିଓ, କଥା, ଆଦି ମାଗଣାରେ ମିଳିଥାଏ ଓ ସଭିଙ୍କ ପାଇଁ ଖୋଲା ଯାହାକୁ କେହି ବି ବଦଳାଇ ପାରିବେ। ଏଥିରେ ସବୁ ଲେଖକଙ୍କ ଅବଦାନ ଇତିହାସରେ ସବୁବେଳ ପାଇଁ ରହିଥାଏ, ତେଣୁ, କେତେବେଳେ କିଏ କେଉଁ ଲେଖାରେ କେମିତି ବଦଳଟିଏ କଲେ ତାହା ସଭିଏଁ ଦେଖିପାରିବେ। ଏଥିରେ ଲେଖାସବୁ ଉପଯୁକ୍ତ ପ୍ରମାଣ ସହ ଦିଆଯାଇଥାଏ, ବିବାଦୀୟ ଲେଖାସବୁରେ ଉଭୟ ସପକ୍ଷରେ ପ୍ରମାଣ ସହିତ ଲେଖାଟିଏ ଲେଖାଯାଇଥାଏ ଯାହା ଲେଖାର ନିରପେକ୍ଷତା ସୂଚାଇଥାଏ ।

### ୨. ଉଇକି କଣ ?

ସାଧାରଣ ଭାବରେ ଗୋଟିଏ ୱେବସାଇଟରେ କିଛି ଅଦଳବଦଳ କରିବା ପାଇଁ ବୈଷୟିକ ଜ୍ଞାନ ଓ ଲେଖକର ଅନୁମତି ଲୋଡ଼ା । ଉଇକି ଗୋଟିଏ ସଫଟବେର ଯାହା ଆମକୁ ଏହି ସବୁ ଝିନଝଟରୁ ମୁକ୍ତି ଦେଇଥାଏ ଆଉ ବୈଷୟିକ ଜ୍ଞାନ ବିନା ବି ଖୋଲା ଭାବେ କିଛି ବି ଲେଖା ଲେଖିବାରେ, ବଦଳାଇବାରେ ଅବା ଲିଭାଇବାରେ କରିବାରେ ସାହାଯ୍ୟ କରିଥାଏ। ଯେହେତୁ ଉଇକି ସଫଟବେରରେ ଲେଖାସବୁ ଲେଖିବା ଭାରି ସହଜ, ଏହା ଏକାସାଙ୍ଗେ ଗୁଡ଼ିଏ ଲେଖକଙ୍କୁ ଲେଖିବାରେ ସାହାଯ୍ୟ କରିଥାଏ ।

ଉଇକି ସଫଟବେରକୁ ୱାର୍ଡ଼ କନିଙ୍ଗହାମ ୧୯୯୪ରେ ତିଆରିଥିଲେ । ମାର୍ଚ୍ଚ ୨୫ରେ ସେ *ଉଇକିଉଇକିୱେବ ସଫଟବେର* କୁ ତିଆରିକରି www.c2.com ରେ ବାହାର କରିଥିଲେ । ସେ ନିଜେ ଏହାର ନାଆଁ **ଉଇକି** ଦେବାକୁ ମତ ଦେଇଥିଲେ । ହନଲୁଲୁ ବିମାନଘାଟିରେ ଜଣେ କର୍ମଚାରୀଠୁ ଏହି ଉଇକିଉଇକି ନାଆଁଟି ପାଇଥିଲେ, ହାୱାଇ ଭାଷାରେ ଯାହାର ମାନେ ***ଗତି*** ।

### ୩. ଉଇକି ଓ ଉଇକିପିଡ଼ିଆ କଣ ଏକା ଜିନିଷ ?

ନାଁ, ଉଇକି ଓ ଉଇକିପିଡ଼ିଆ ଏକା ନୁହନ୍ତି । ଉଇକି, ଉଇକିପିଡ଼ିଆର ଆଉ ଗୋଟେ ନାଆଁ ନୁହେଁ । ଉଇକି ଗୋଟିଏ ସଫଟବେର ଯାହାକି ମିଳିତ ଲେଖାଲେଖିରେ ସାହାଯ୍ୟ କରିଥାଏ, ଉଇକିପିଡ଼ିଆ ଗୋଟିଏ ୱେବସାଇଟ ଯାହାକି ଉଇକି ସଫଟବେରକୁ ବ୍ୟବହାର କରିଥାଏ । ଆହୁରି ମଧ୍ୟ, ଉଇକିପିଡ଼ିଆ ଉଇକି ସଫଟବେର ବ୍ୟବହାର କରୁଥିବା କେତେଗୁଡ଼ିଏ ୱେବସାଇଟ ଭିତରୁ ଗୋଟେ । ଉଇକିପିଡ଼ିଆ ଇଣ୍ଟରନେଟରେ ଥିବା ସବୁଠୁ ବେଶି ଜଣାଶୁଣା ଆଉ ଢେର ଭଲ ଭଲ ଲେଖାରେ ଭରା ଉଇକି ୱେବସାଇଟ । ପ୍ରାୟ ଲୋକଙ୍କ ଭିତରେ ଉଇକି ଆଉ ଉଇକିପିଡ଼ିଆ ସମାନ ବୋଲି ଥିବା ଧାରଣା ଗୋଟିଏ ଭୁଲ ଧାରଣା ।

## ୪. ଉଇକିପିଡ଼ିଆର ଇତିହାସ:

ରିକ ଗେଟସଙ୍କ ତିଆରି ଇଣ୍ଟରପିଡ଼ିଆରୁ ପ୍ରଥମେ ସର୍ବିଜ ଦ୍ୱାର ବଦଳାଯାଇପାରୁଥିବା ଜ୍ଞାନକୋଷର ଚିନ୍ତା ବାହାରିଥିଲା । ହେଲେ ଖାଲି ଯୋଜନାରୁ ବାହାରକୁ ଏହି ଚିନ୍ତା ଯାଇପାରିନଥିଲା । ନୁପିଡ଼ିଆ (Nupedia) ଆଉ ଗୋଟିଏ ଚିନ୍ତାଧାରାରେ ତିଆରି କରାଯାଇଥିଲା ଯେଉଁଥିରେ ଛାମୁଆଁ ଲେଖକମାନଙ୍କର ଅଭିଜ୍ଞତାକୁ ଆଖି ଆଗରେ ରଖି ତିଆରି କରାଯାଇଥିଲା । ଯେହେତୁ ଲେଖାର ମାନ ଉପରେ ବେଶି ଗୁରୁତ୍ୱ ଦିଆଯାଉଥିଲା, ନୁପିଡ଼ିଆ ଧିରେ ଧିରେ ବଢ଼ିଗଲୁଥିଲା । ତେଣୁ ନୁପିଡ଼ିଆର କାମକୁ ବଢ଼ାଇବା ପାଇଁ ଜିମି ଆଉ ସାଙ୍ଗର ଉଇକିପିଡ଼ିଆ ତିଆରିକଲେ, ଯାହାକି ସମସ୍ତଙ୍କ ଦେଇ ବଦଳାଯାଇପାରୁଥିବା ଗୋଟିଏ ଜ୍ଞାନକୋଷ ଥିଲା । ଲେଖାର ମାନ ଆଉ ଲୋକପ୍ରିୟ ହେବାରେ ଉଇକିପିଡ଼ିଆ ତାର ମୂଳ ନୁପିଡ଼ିଆରୁ ଉପରକୁ ବଢ଼ିଲା । ଆଜି ସେହି ଜ୍ଞାନକୋଷର ଅନ୍ୟନାଆଁ ପାଲଟିଛି ଉଇକିପିଡ଼ିଆ ।

ଉଇକିପିଡ଼ିଆ ଏକ ଅଣ-ଲାଭକାରି ସଙ୍ଘ **ଉଇକିମିଡ଼ିଆ ଫାଉଣ୍ଡେସନ** (http://wikimediafoundation.com) ଦ୍ୱାରା ସମ୍ଭାଳାଯାଉଛି ।

## ୫. ଉଇକିପିଡ଼ିଆ ଓଡ଼ିଶା।/ଭାରତ ସରକାରଙ୍କ ଦ୍ୱାରା ତିଆରି କରାଯାଇଛି କି ?

ଉଇକିପିଡ଼ିଆ ଏକ ଅଣ-ଲାଭକାରି ସଙ୍ଘ ଉଇକିମିଡ଼ିଆ ଅଧିନରେ କାମ କରୁଛି । ଏହି ସଙ୍ଘ ସରକାରି ସଙ୍ଘ ନୁହେଁ/ସରକାରଙ୍କ ସାହାଯ୍ୟରେ ଚାଲେନାହିଁ । ଉଇକିମିଡ଼ିଆକୁ ଚଳାଇବା ପାଇଁ ଦରକାର ଟଙ୍କା ସାଧାରଣ ଲୋକଙ୍କ ଅନୁଦାନରୁ ଆସିଥାଏ । ଯେତେବେଳେ ଉଇକିପିଡ଼ିଆ ଏବେ ଅନେକ ନାଆଁ କମାଣି ସରକାର ଉଇକିପିଡ଼ିଆକୁ ସାହାଯ୍ୟ କରିବାକୁ ହାତ ବଢ଼ାଇଲେଣି ।

## ୬. ମୁଁ ଲେଖିବାକୁ ଯାଉଥିବା ଲେଖାଟିରେ ମୋର ଖୁବ ଭଲ ଜ୍ଞାନ ଥିବା ଦରକାର କି ?

ଏହା ଲୋକଙ୍କ ମନରେ ଥିବା ଏକ ଭୁଲ ଧାରଣା, ଖାଲି ଏଇଥି ପାଇଁ ହିଁ ଲୋକେ ଉଇକିପିଡ଼ିଆରେ ଲେଖିବାକୁ ଗୁହୁଁନାହାନ୍ତି । ସତ କଥା ହେଉଛି ଆପଣଙ୍କୁ ନିଜ ଲେଖା ପାଇଁ ନିପୁଣ ହେବାରେ କିଛି ଦରକାର ନାହିଁ । ଏମିତିରେ, ଗୋଟିଏ ବି ଉଇକିପିଡ଼ିଆ ଜଣେ ଲେଖକର ଲେଖା ନୁହେଁ । ସବୁ ଲେଖା ଅଲଗା ଅଲଗା ଦେଶର ଆଉ ଅଲଗା ଅଲଗା ବେଉସାର ଲୋକଙ୍କର ଅବଦାନ ।

ଆସନ୍ତୁ ଉଦାହରଣଟିଏ ନେଇ ପରଖିବା । ଭାବନ୍ତୁ କି କମ୍ପ୍ୟୁଟର ଉପରେ ଭୁବନେଶ୍ୱରର ସ୍କୁଲ ପିଲାଟିଏ ଲେଖାଟିଏ ଲେଖିବାକୁ ଚାହୁଁଛି, ସେ ଖାଲି କମ୍ପ୍ୟୁଟରର ସାଧାରଣ ବ୍ୟବହାର ଉପରେ କିଛି ଧାଡ଼ି ଲେଖିଦେଲା । କିଛି ଦିନ ପରେ ଇଞ୍ଜିନିଅରିଙ୍ଗ ପିଲାଟିଏ ସେ ଲେଖାକୁ ଦେଖି ସେଥିରେ କିଛି ନୂଆ କଥା ମିଶାଇଲା । ଆଉ କିଛି ଦିନ ପରେ ବେଙ୍ଗାଲୁରୁର କମ୍ପ୍ୟୁଟର ଇଞ୍ଜିନିଅର ଜଣେ ସେଥିରେ କିଛି ଚିତ୍ର ଆଉ ନିହାତି ଦରକାରୀ ଲେଖା ଆଉ କମ୍ପ୍ୟୁଟର କେମିତି କାମକରେ ସେକଥା ମିଶାଇଲେ । ଆଉ ସେମିତି ହୋଇ ସେ ଲେଖାଟିରେ କେତେ ଲୋକଙ୍କ ଲେଖା ମିଶି ଧିରେ ଧିରେ ବଢ଼ିଗଲିଲା । ଏହି ସମାନ କଥା ସବୁ ଉଇକିପିଡ଼ିଆ ଲେଖାରେ ହୁଏ । ଆଉ ଆପଣ ବି ଏଥିରେ ସାମିଲ ହୋଇପାରିବେ । ନୂଆ ଲେଖା ମିଶାଇବା ଆଉ ପୁରୁଣା ଲେଖାକୁ ସୁଧାରି ଓଡ଼ିଆ ଉଇକିପିଡ଼ିଆକୁ ଆପଣ ସାରା ପୃଥିବୀର ଭଲ ଉଇକିପିଡ଼ିଆଙ୍କ ଭିତରେ ଗୋଟିଏ କରିପାରିବେ ।

## ୭. ଉଇକିପିଡ଼ିଆରେ କେଉଁ କେଉଁ ଲେଖା ରହିବା ଦରକାର ଓ କଣ ଦରକାର ନାହିଁ, ଏହା ଉପରେ କିଛି ନୀତି ନିୟମ ଅଛି କି ?

ଆପଣ କିଛି ବି ବିଷୟରେ ଉଇକିପିଡ଼ିଆରେ ଲେଖିପାରିବେ, ତେବେ ଲେଖାଟି ଜ୍ଞାନକୋଷ ଯୋଗ୍ୟ ହେବା ଦରକାର । ଲେଖାଗୁଡ଼ିକୁ ଜ୍ଞାନକୋଷ ଯୋଗ୍ୟ କରିବା ଲାଗି ଉଇକିପିଡ଼ିଆର କିଛି ନୀତି ନିୟମ ଅଛି ।



## ଟ୍ରାନସଲିଟରେସନ କି-ବୋର୍ଡ଼ ସଜାଣି

### ସ୍ୱରବର୍ଣ୍ଣ:

ସ୍ୱରବର୍ଣ୍ଣ ପାଇଁ ଆପଣଙ୍କୁ କଣ ଟାଇପ କରିବାକୁ ପଡ଼ିବ ତାହା ଇଂରାଜୀରେ ତଳେ ଲେଖାଗଲା, ଉପରେ ଉଇକିପିଡ଼ିଆରେ ସେହି କି ଟାଇପ କାଲେ ଆପେ ଆପେ ତାହା ଓଡ଼ିଆ ସ୍ୱର ବର୍ଣ୍ଣରେ ବଦଳିଯିବ ତାହା ଲେଖାଗଲା ।

| ଅ | ଆ | ଇ | ଈ | ଉ | ଊ | ଏ | ଐ | ଓ | ଔ | ଋ | ଇଂ | ଇଁ | ଓଃ | ଌ | ୡ |
|---|---|---|---|---|---|---|---|---|---|---|---|---|---|---|---|
| | ା | ି | ୀ | ୁ | ୂ | େ | ୈ | ୋ | ୌ | ୃ | ଂ | ଁ | ଃ | | |
| a | A | i | I | u | U | e | E | o | au | R | M | X | H | Lla | Llla |
| | | | ◌ା | ◌ି | ◌ୀ | ◌ୁ | ◌ୂ | ◌େ | ◌ୈ | ◌ୋ | ◌ୌ | ◌ୃ | ◌ଂ | ◌ଁ | ◌ଃ |
| | | | aa\ | i\ | I\ | u\ | U\ | e\ | E\ | o\ | O\ | R\ | M | X | H |

### ବ୍ୟଞ୍ଜନବର୍ଣ୍ଣ:

ବ୍ୟଞ୍ଜନ ବର୍ଣ୍ଣ ପାଇଁ ଆପଣଙ୍କୁ ଏଥିରେ ଲେଖାଥିବା ଇଂରାଜୀ ଅକ୍ଷରକୁ ଟାଇପ କରିବାକୁ ପଡ଼ିବ । ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣ ସବୁ 'ଅ' କାରରେ ସରୁଥିବାରୁ ଆପଣଙ୍କୁ ସବୁ ଅକ୍ଷର ଶେଷରେ 'a' ଯୋଡ଼ିବାକୁ ପଡ଼ିବ ।

<table>
<tr><td>କ</td><td>ଖ</td><td colspan="2">ଗ</td><td colspan="2">ଘ</td><td>ଙ</td></tr>
<tr><td>ka</td><td>kha</td><td colspan="2">ga</td><td colspan="2">gha</td><td>NGa</td></tr>
<tr><td>ଚ</td><td>ଛ</td><td colspan="2">ଜ</td><td colspan="2">ଝ</td><td>ଞ</td></tr>
<tr><td>ca</td><td>cha</td><td colspan="2">ja</td><td colspan="2">jha</td><td>Nga</td></tr>
<tr><td>ଟ</td><td>ଠ</td><td>ଡ</td><td>ଡ଼</td><td>ଢ</td><td>ଢ଼</td><td>ଣ</td></tr>
<tr><td>Ta</td><td>Tha</td><td>Da</td><td>Daz</td><td>Dha</td><td>Dhaz</td><td>Na</td></tr>
<tr><td>ତ</td><td>ଥ</td><td colspan="2">ଦ</td><td colspan="2">ଧ</td><td>ନ</td></tr>
<tr><td>ta</td><td>tha</td><td colspan="2">da</td><td colspan="2">dha</td><td>na</td></tr>
<tr><td>ପ</td><td>ଫ</td><td colspan="2">ବ</td><td colspan="2">ଭ</td><td>ମ</td></tr>
<tr><td>pa</td><td>fa</td><td colspan="2">ba</td><td colspan="2">bha</td><td>ma</td></tr>
<tr><td>ହ</td><td>ଯ</td><td colspan="2">ୟ</td><td colspan="2">ର</td><td>ଲ</td></tr>
<tr><td>ha</td><td>Ya</td><td colspan="2">ya</td><td colspan="2">ra</td><td>la</td></tr>
<tr><td>ଳ</td><td>ସ</td><td colspan="2">ଶ</td><td colspan="2">ଷ</td><td>ୱ</td></tr>
<tr><td>La</td><td>sa</td><td colspan="2">Sa</td><td colspan="2">sha</td><td>va</td></tr>
</table>

## ~ ଓଡ଼ିଆରେ ଟାଇପ କେମିତି କରିବେ ~

କୌଣସି ବାହାର ସଫଟବେର ବ୍ୟବହାର ନ କରି ଓଡ଼ିଆ ଉଇକିପିଡ଼ିଆରେ ଓଡ଼ିଆରେ ଟାଇପ କରିବା ପାଇଁ ଆମେ ଗୋଟିଏ ଯନ୍ତ୍ର ଖଞ୍ଜିଅଛୁ । ଏହି ଦୁଇଟି ହେଲେ ଦୁଇପ୍ରକାରର ଟାଇପ ସୁବିଧା:

- ଟ୍ରାନସଲିଟରେସନ
- ଇନସ୍କ୍ରିପ୍ଟ

ଆପଣଙ୍କ କମ୍ପୁଟରରେ ଓଡ଼ିଆ ଉଇକିପିଡ଼ିଆ "or.wikipedia.org" ଖୋଲିଲ୍ ମାତ୍ରକେ ଆପେଆପେ ଓଡ଼ିଆରେ ଲେଖିବା ପାଇଁ ଟ୍ରାନସଲିଟରେସନ ଯନ୍ତ୍ରଟି ସଚଳ ହୋଇଯିବ, ତେବେ ମଝିରେ ମଝିରେ ଇଂରାଜୀରେ ଲେଖିବା ପାଇଁ ( Ctl+m ) ଦବାନ୍ତୁ, ନହେଲେ ଉଇକିପିଡ଼ିଆ ପୃଷ୍ଠାର ଡାହାଣ ପଟ ଉପରେ ଥିବା "Write in Odia" ଉପରେ କ୍ଲିକ କରିପାରନ୍ତି ।

**ଟ୍ରାନସଲିଟରେସନ:**

**ଟ୍ରାନସଲିଟରେସନ** ଅଣ-ଲାଟିନ ଭାଷାସବୁରେ ଲେଖାଲେଖି ପାଇଁ ବ୍ୟବହାର କରାଯାଉଥିବା ଗୋଟିଏ ଯନ୍ତ୍ର ।

ଏହା ଇଂରାଜୀ କି-ବୋର୍ଡ଼ ବ୍ୟବହାର କରି ଲେଖାଯାଏ ଓ ଟାଇପ କରାଯାଉଥିବା ଇଂରାଜୀ ଅକ୍ଷରର ଲେଖାକୁ ଏହା ଓଡ଼ିଆ/ବଛାଯାଇଥିବା ଭାଷାରେ ବଦଳାଇ ଦିଏ । ତେଣୁ ଆପଣ ସାଧାରଣ ଓଡ଼ିଆ ଉଚ୍ଚାରଣ ଅନୁସାରେ ଇଂରାଜୀ କି-ବୋର୍ଡ଼ ବ୍ୟବହାର କରି ଲେଖିଲେ ଏହା ତାହାକୁ ଓଡ଼ିଆ ଅକ୍ଷରରେ ଦେଖାଏ ।

ଇଂରାଜୀ କି-ବୋର୍ଡ଼ ବ୍ୟବହାର କରି କେମିତି ଲେଖିବେ ତାହା ଦେଖନ୍ତୁ-

| | |
|---|---|
| କ – ka | କୃ - kR |
| କା - kA (kaa) | କଂ - kaM |
| କି - ki | କଁ - kaX |
| କୀ - kI (kii) | କଃ - kah |
| କୁ - ku | |
| କୂ - kU (kuu) | |
| କେ - ke | |
| କୈ - kE ( kai) | |
| କୋ - ko | |
| କୌ - kO (kau) | |



### ୮. ମୋ ପାଖରେ ଅନେକ ଅଣ-ଇଉନିକୋଡ଼ ଲିପି (ଫଣ୍ଟ)ରେ ଲେଖାହୋଇଥିବା ଲେଖା ଅଛି, ସେସବୁ ଉଇକିପିଡ଼ିଆରେ ଦେଇ ହେବକି?

**ହଁ, ଯଦି ସେହି ଲେଖାସବୁ ଉଇକିପିଡ଼ିଆରେ ରହିବାଯୋଗ୍ୟ ହୋଇଥାନ୍ତି ତେବେ ତାହା ସବୁ ଦେଇପାରିବେ, କିନ୍ତୁ ସେସବୁକୁ ଆଉଥରେ ଟାଇପ କରିବାକୁ ପଡ଼ିପାରେ, କାରଣ ଅଣ-ଇଉନିକୋଡ଼ରୁ ଇଉନିକୋଡ଼କୁ ରୂପାନ୍ତର କରିବା ପାଇଁ ସାଧନ ଏଯାଏଁ ବାହାରି ନାହିଁ ।**

### ୮. ଉଇକିପିଡ଼ିଆରେ ମୁଁ ଲେଖିଥିବା ଲେଖାଟିକୁ ଅନେକେ ବଦଳାଉଛନ୍ତି, ଏମିତି କାହିଁକି ?

ଉଇକିପିଡ଼ିଆର ଲେଖା ସବୁ ଜଣେ ଲୋକର ନୁହେଁ । ଏହା ଏକ ମିଳିତ ପ୍ରକଳ୍ପ, ଆଉ କେହି ଜଣେ ଏହାର ମାଲିକାନା ରଖିପାରିବ ନାହିଁ । ଏହାର ନୂଆ ସଙ୍କଳନ/ଲେଖା ମିଶାଣ/ବଦଳ କରାଯାଇପାରିବ । ଇଉଜରମାନଙ୍କ ଲେଖାର ବଦଳକୁ ନେଇ ଉପୁଜିଥିବା କିମ୍ବା ଉଇକିପିଡ଼ିଆର ଲେଖା ଭରସା ଯୋଗ୍ୟ ଜାଗାରୁ ନେବାର ଅସୁବିଧାକୁ ସୁଧାରିବା ପାଇଁ ଉଇକିପିଡ଼ିଆର ନିଜର ନୀତି ନିୟମ ଅଛି ।

### ୯. ଉଇକିପିଡ଼ିଆରେ କିଏ କିଏ ଭାଗ ନେଇ ପାରିବେ?

ଯେକୌଣସି ଚଳଣିର, ଧର୍ମ ଅବା କର୍ମକୁଶଳତା ଥିବା କେହି ବି ଜ୍ଞାନ ବାଣ୍ଟିବାକୁ ଚାହୁଁଥିଲେ ଉଇକିପିଡ଼ିଆରେ ଭାଗ ନେଇ ପାରିବେ । ଏହା ଭିତରେ ସ୍କୁଲ ପିଲା, ଅବସର ନେଇସାରିଥିବା ମିଲିଟାରି ଲୋକେ, ଚାଷୀ, ଘରୋଇ ଲୋକେ, ସଫଟବେର ଚାକିରିଆ, ସରକାରୀ ଚାକିରିଆ ବା ଆଉ କେହି ଏଥିରେ ଭାଗ ନେଇ ପାରିବେ । ଗୁଡ଼ିଏ ଅଲଗା ଅଲଗା ଚିନ୍ତାଧାରାର ଲୋକେ ଉଇକିପିଡ଼ିଆରେ ଏକାଠି ହେଉଛନ୍ତି ନିଜର ଆଉ ଅନ୍ୟ ମାନଙ୍କର ଜ୍ଞାନ ବଢ଼ାଇବା ପାଇଁ, ଆଉ ତା ସହ ନିଜ ପରପିଢ଼ୀ ପାଇଁ ବି କିଛି ଜ୍ଞାନ ଛାଡ଼ିଯାଉଛନ୍ତି ।

### ୧୦. ଉଇକିପିଡ଼ିଆ ଇଂରାଜୀ ଛଡ଼ା ଅଲଗା ଭାଷାରେ ମିଳୁଛି କି? ଓଡ଼ିଆ କି ଅଲଗା ଭାରତୀୟ ଭାଷାରେ ଉଇକିପିଡ଼ିଆ ଅଛି କି?

୨୭୦ରୁ ବେଶି ଭାଷାରେ ଉଇକିପିଡ଼ିଆ ଅଛି । ଆଉ ଓଡ଼ିଆରେ ବି ଉଇକିପିଡ଼ିଆ ଅଛି । ପ୍ରଥମ ଉଇକିପିଡ଼ିଆ ଇଂରାଜୀରେ ହୋଇଥିଲା, ଯାହାକି ୨୦୦୧ ଜାନୁଆରିରେ ଆରମ୍ଭ ହୋଇଥିଲା । ୨ ମାସ ପରେ ମାର୍ଚ୍ଚ ୨୦୦୧ରେ, ଉଇକିପିଡ଼ିଆ ଜର୍ମାନ ଭାଷାରେ କାମ କରିବା ଆରମ୍ଭ କଲା । ତାର କିଛି ମାସ ପରେ ଫ୍ରେଞ୍ଚ , ଚାଇନିଜ, ଡଚ, ହିବ୍ରୁ, ଇଟାଲୀୟ, ରୁଷୀୟ ଆଦି ଭାଷାରେ ତିଆରି ହେଲା । ପ୍ରଥମ ବର୍ଷ କୌଣସି ଭାରତୀୟ ଭାଷାର ନିଜର ଉଇକିପିଡ଼ିଆ ନଥିଲା । ଜୁନ ୨୦୦୨ ରେ ଓଡ଼ିଆ, ପଞ୍ଜାବି ଓ ଆସାମିରେ ଉଇକିପିଡ଼ିଆ ତିଆରି ହେଲା । ୨୦୦୨ ଡିସେମ୍ବରରେ ମାଲୟାଲମରେ ତିଆରି ହେଲା । ୨୦୦୩ ବେଳକୁ ଅନେକ ଭାରତୀୟ ଭାଷାରେ ଉଇକିପିଡ଼ିଆ ତିଆରି ହେଲା । ଫେବ୍ରୁଆରିରେ ଭୋଜପୁରି ଆରମ୍ଭ ହେଲା, ମେ'ରେ ମରାଠି, ଜୁନରେ କନଡ଼, ଜୁଲାଇରେ ହିନ୍ଦି, ସେପଟେମ୍ବରରେ ତାମିଲ, ତେଲୁଗୁ ଓ ଗୁଜରାଟି ଡିସେମ୍ବରରେ ଆଉ ବଙ୍ଗଳା ୨୦୦୪ ଜାନୁଆରିରେ ତିଆରି ହୋଇଛି । ଏବେ ପାଲି ଭାଷାରେ ଓ ସଂସ୍କୃତରେ ଉଇକିପିଡ଼ିଆ ତିଆରି ହୋଇଛି ।

ଇଂରାଜୀ ଉଇକିପିଡ଼ିଆରେ ସବୁଠୁ ବେଶି ଲେଖା ଅଛି, ୨୦୧୦ ଏପ୍ରିଲ ବେଳକୁ ୩୩ ଲକ୍ଷରୁ ବେଶି ଲେଖା ଥିଲା । ଓଡ଼ିଆ ଉଇକିପିଡ଼ିଆରେ ଏ ଯାଏଁ ୭୦୦ ଟି ଲେଖା ଅଛି ।

## ୧୧. ମୋତେ ଭଲ ଭାବେ ଇଂରାଜୀ ଜଣା, ଓଡ଼ିଆ ଉଇକିପିଡ଼ିଆରେ କାହିଁକି ଯୋଗ ଦେବି ?

ଆପଣ ହୁଏତ ଭଲ ଭାବେ ଇଂରାଜୀ ଜାଣିଥାଇପାରନ୍ତି, ହେଲେ ସେଇଟି ନିଜ ମାତୃଭାଷାକୁ ଛାଡ଼ିଦେବାର ଗୋଟିଏ କାରଣ ହୋଇ ନ ପାରେ । ଆପଣ ନିଜର ଉଚ୍ଚ ଇଂରାଜୀ ଜ୍ଞାନକୁ ବ୍ୟବହାର କରି ଗୁଡ଼ାଏ ଜଣା ଅଜଣା କଥା ଏକାଠି କରି ଓଡ଼ିଆରେ ଆଉଥରେ ଲେଖିପାରିବେ । ଏହା ଭଲ ଭାବେ ଇଂରାଜୀ ଜାଣି ନଥିବା ଓ ଓଡ଼ିଆରେ ଉଇକିପିଡ଼ିଆ ପଢ଼ିବାକୁ ଚାହୁଁଥିବା ଲୋକଙ୍କୁ ସାହାଯ୍ୟ କରିବ । ଢେରଗୁଡ଼ିଏ ଛୋଟ ଛୋଟ ଜାଣିବା କଥା ଇଂରାଜୀ ଉଇକିପିଡ଼ିଆରେ ଭାଷା ଓ ଭାବର ତଫାତ ସକାଶେ ଏଯାଏଁ ଅଜଣା ହୋଇ ରହିଛି । ସେସବୁ ଲେଖା ଯଦି ଇଂରାଜୀ ଭଲ ଭାବରେ ଜାଣିଥିବା ଲେଖକ ଜଣେ ଓଡ଼ିଆ ଉଇକିପିଡ଼ିଆରେ ଲେଖେ ତେବେ ଇଂରାଜୀରେ ପ୍ରାଞ୍ଜଳ ନ ଥିବା ପାଠକ ଏହା ବୁଝିପାରିବେ । ଲୋକେ ସେମାନଙ୍କ ମାତୃଭାଷାରେ ସହଜରେ କଥାଭାଷା ଓ ଲେଖାଲେଖି କରିପାରନ୍ତି । ଆଉ ଇଂରାଜୀ ଜାଣିନଥିବା ଲୋକଙ୍କୁ ବି ନୂଆ ନୂଆ କଥା ଜାଣିବାରୁ ରୋକିବାର କିଛି କାରଣ ନାହିଁ ।

## ୧୨. ମୁଁ ଓଡ଼ିଆ ଉଇକିପିଡ଼ିଆରେ ନିଜ ବାବଦରେ କିଛି ଲେଖି ପାରିବି କି ?

ହଁ, ତେବେ କେବଳ ନିଜ ବ୍ୟବହାରକାରୀ ପୃଷ୍ଠାକୁ ଛାଡ଼ି ଆଉ କେଉଁଠି ବି ଆପଣ ନିଜ ବାବଦରେ କିଛି ଲେଖିପାରିବେ ନାହିଁ । ମନେ ରଖିବେ, ଉଇକିପିଡ଼ିଆ ଏକ ପତ୍ରିକା ନୁହେଁ, ଏକ ଖୋଲା ଜ୍ଞାନକୋଷ । ଏଥିରେ ନିଜ ବାବଦରେ କିଛି ଲେଖିବା ଅନୁଚିତ ।

## ୧୩. ମୁଁ ଓଡ଼ିଆ ଉଇକିପିଡ଼ିଆରେ ଲେଖିବାକୁ ଚାହୁଁଛି, ହେଲେ ଓଡ଼ିଆ ଟାଇପ କରିଜାଣିନାହିଁ, କେମିତି ଲେଖିବି/ବଦଳାଇବି ?

ଓଡ଼ିଆ ଉଇକିପିଡ଼ିଆରେ ଟାଇପ କରିବାପାଇଁ କେତେ ଗୁଡ଼ିଏ ବାଟ ଅଛି । ଓଡ଼ିଆ ଉଇକିପିଡ଼ିଆ ଭିତରେ ***ଟ୍ରାନ୍ସଲିଟରେସନ*** ନାଆଁରେ ଗୋଟିଏ ସାଧନ/ଟୁଲ ଅଛି ଯେଉଁଥିରେ କିଛି ବି ବାହାର ଟୁଲ ବିନା ଆପଣ ଓଡ଼ିଆରେ ଟାଇପ କରିପାରିବେ । ଏହା ଇଂରାଜୀ ଇନପୁଟରୁ ଆପେ ଆପେ ଓଡ଼ିଆକୁ ବଦଳାଇଦେବ, ଏଥିରେ ***ଇନସ୍କ୍ରିପ୍ଟ*** ବି ଅଛି, ତେଣୁ ଲେଖାଲେଖି ପାଇଁ ସେତେ ଅସୁବିଧା ହବନି । ଯଦି କିଛି ସହଯୋଗ ଦରକାର ତେବେ **"ସାହାଯ୍ୟ:ଓଡ଼ିଆରେ ଟାଇପ"** ଓଡ଼ିଆରେ ଲେଖି ଖୋଜିବା ବାକ୍ସ (Search Box) ଭିତରେ ଟାଇପ କଲେ ଓଡ଼ିଆ ଉଇକିପିଡ଼ିଆ ବାବଦରେ ଢେର କଥା ଜାଣିହେବ ।

## ୧୪. ମୁଁ ଉଇକିପିଡ଼ିଆରେ କାହିଁକି ଲେଖିବି ? ଏଥିରେ ମୋର କଣ ଲାଭ ହେବ ?

ଆମ ଜୀବନକାଳରେ ଆମେ ଅନେକ କଥା ଜାଣିଥାଉ, ଯାହା ଆମକୁ ଅନେକ ସମୟରେ ଅଲଗା ଅଲଗା ଜାଗାରୁ ମିଳିଥାଏ । ଯଦି ଆମେ ଏହି ଜ୍ଞାନକୁ ବାକିମାନଙ୍କ ଭିତରେ ନ ବାଣ୍ଟୁ ତାହେଲେ ଏହା ଆମ ଜୀବନ ସହ ଏ ପୃଥିବୀରୁ ଚାଲିଯିବ । ଆଜି ଯାଏଁ ଏହିପରି କେତେ ଜ୍ଞାନ କେବେବି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ, କାରଣ କେହି କେବେ ତାକୁ ବାକିମାନଙ୍କ ପାଇଁ ସାଇତି ରଖିଯାଇ ନାହାନ୍ତି । ଉଇକିପିଡ଼ିଆରେ ଆମେ ଏହିପରି କେତେ ଦରକାରୀ ଜିନିଷ ଲେଖିପାରିବା ଯାହା ଆସନ୍ତା ପିଢ଼ି ପାଇଁ ବହୁ କାମରେ ଆସିବ ।

ଆମ ଜ୍ଞାନକୁ ବାକିମାନଙ୍କ ଭିତରେ ବାଣ୍ଟିବା ଦ୍ୱାରା ଏହା ଦିନକୁ ଦିନ ବଢ଼ି ଚାଲିଥାଏ । ଆଜି ଆମେ ଯାହା ସବୁ ଜାଣିଛୁ, ତାହା କାଲି ଆମକୁ କିଏ ଜଣେ ଶିଖାଇଥିଲା । ତେଣୁ ଏହିପରି ଆମେ ବି ଆଜି ଆମର ଜଣା କଥାଜାକ ସଭିଙ୍କ ଭିତରେ ବାଣ୍ଟି ପାରିବା ।

ଉଇକିପିଡ଼ିଆର ଲେଖକ ଅଲଗା ଅଲଗା ଉଇକି ଲେଖାଗୁଡ଼ିକୁ ସବୁବେଳେ ବଦଳାଇବାରେ ଦ୍ୱାରା ଲେଖାସବୁ କାଳ ସାଙ୍ଗେ ତାଳ ଦେଇ ବଦଳୁଥାଏ ଯାହା ଇଣ୍ଟରନେଟର ବାକିସବୁ ଜାଗାରେ ମିଳିବା ବିରଳ । ଉଇକିରେ କିଛି ଲେଖିବା ଆଗରୁ ଉଇକି ଲେଖକମାନେ ବହୁ ସମୟରେ ସେହି ପ୍ରସଙ୍ଗ ଉପରେ କିଛି ଅଧିକ ପଢ଼ାପଢ଼ି କରିଥାନ୍ତି,ଯାହା ନିଜ ଦରକାରରେ ବି ଆସିଥାଏ ।



## ~ ଓଡ଼ିଆରେ ପଢ଼ିବା ଅସୁବିଧା କେମିତି ସୁଧାରିବେ ~

ଓଡ଼ିଆ ଉଇକିପିଡ଼ିଆ ମାଇକ୍ରୋସଫଟ ଭିସ୍ତା/ ଉଇଣ୍ଡୋଜ ୭ (Windows Vista/ Windows 7) ରେ ଠିକ ଭାବେ ପଢ଼ିହେବ ଓ ଟାଇପ ବି କରିହେବ । ତେବେ ଉଇଣ୍ଡୋଜ ଏକ୍ସପି (Windows XP) ସର୍ଭିସ ପ୍ୟାକ ୨ରେ ଓଡ଼ିଆ ଏଯାଏଁ ଠିକ ଭାବେ ପଢ଼ାଯାଇପାରୁନାହିଁ, ଆଉ ଓଡ଼ିଆରେ ପଢ଼ିବା ପାଇଁ ଆପଣଙ୍କୁ ନିଜ କମ୍ପୁଟରରେ ଓଡ଼ିଆ ଲିପି (Font) ଟିଏ ଇନଷ୍ଟଲ କରିବାକୁ ପଡ଼ିବ । ( http://bit.ly/utkal ) ରୁ ମାଗଣା ଉତ୍କଳ ଫଣ୍ଟ ଡାଉନଲୋଡ଼ କରନ୍ତୁ ।

Internet Explorer (IE **8** ବା ତା' ପର) ନହେଲେ Firefox browser (Firefox **5**) ଡାଉନଲୋଡ କରନ୍ତୁ ।

୧. ଓଡ଼ିଆ ଇଉନିକୋଡ଼ ଫଣ୍ଟଟିଏ ଡାଉନଲୋଡ଼ କରନ୍ତୁ ।
୨. Control panel -> Regional and Language Options -> Language, ତା ପରେ "Install files for complex scripts and right-to-left languages" ବାଛନ୍ତୁ ।
୩. Windows XP SP2 installer CD କୁ ଚଳାନ୍ତୁ ।
୪. Internet Explorer 8: Tools -> Internet Options -> General -> Languages "Oriya" କୁ ବାଛନ୍ତୁ ।
୫. Firefox 4: Tools -> Options -> Advanced -> General -> Edit Languages..., "Oriya" କୁ ବାଛନ୍ତୁ ।
ବ୍ରାଉଜରର "view" ମେନୁକୁ ଯାଇ "character encoding" ବା "encoding" କୁ: Unicode (UTF-8) କରନ୍ତୁ ।

ୱେବସାଇଟରେ ନିଜ ପସନ୍ଦର ଫଣ୍ଟ ଦେଖିବା ପାଇଁ:

- Internet Explorer 8: Tools-->Internet options-->Fonts, ପୁଲଡାଉନ ମେନୁରୁ "Oriya" ବାଛନ୍ତୁ ଆଉ ଗୋଟିଏ ଓଡ଼ିଆ ଫଣ୍ଟ ବାଛନ୍ତୁ ।
- Firefox 4: Tools -> Options -> Content tab -> Advanced... Fonts and colors section ଭିତରୁ "Fonts" କୁ ବାଛନ୍ତୁ, "Fonts for:" ଭିତରୁ "Oriya" ବାଛନ୍ତୁ ଆଉ Serif, Sans Serif, Monospace, ହେରିକା ପାଇଁ ଅଲଗା ଅଲଗା ଫଣ୍ଟ ବାଛନ୍ତୁ ।

ଏକ ଫ୍ରିନୋଡ଼ ଇଣ୍ଟରନେଟ ରିଲେ ଚ୍ୟାଟ (IRC) ଓଡ଼ିଆ ଉଇକିପିଡ଼ିଆ ପାଇଁ ବି ଅଛି ଯେଉଁଥିରେ ଆପଣ ଅନଲାଇନରେ ଥିବା ପୃଥିବୀ ଯାକର ଓଡ଼ିଆ ଉଇକିଙ୍କ ସାଁଗରେ ଆଲୋଚନା କରିପାରିବେ ।

- Server: irc.freenode.net
- Channel: #wikipedia-or

ଆହୁରି ଅଧିକ ଜାଣିବା ପାଇଁ ସାହାଯ୍ୟ ପୃଷ୍ଠାଟି ଦେଖନ୍ତୁ । ଆହୁରି କିଛି ପ୍ରଶ୍ନ ଥିଲେ [wikipedia-or@lists.wikimedia.org] କୁ ମେଲ ପଠାନ୍ତୁ ।

### ୨୫. ଓଡ଼ିଆ ଉଇକିପିଡ଼ିଆରେ କଣ ଲେଖିବେ ଓ କଣ ଲେଖିବେ ନାହିଁ ?

ଓଡ଼ିଆ ଉଇକିପିଡ଼ିଆରେ ଆପଣ ଯାହା ବି ଲେଖିବାକୁ ଚାହୁଁଛନ୍ତି ସେସବୁ ଜ୍ଞାନକୋଷରେ ରହିଲା ଭଳି ହେବା ଦରକାର, ମାନେ ଓଡ଼ିଶାର, ଭାରତର, ପୃଥିବୀର ଭୂଗୋଳ, ଇତିହାସ, ସାହିତ୍ୟ, ଦର୍ଶନ, ବିଜ୍ଞାନ, ଜଣାଶୁଣା ଲୋକ ଓ ଜାଗା ଉପରେ ଆପଣ ଲେଖାସବୁ ଲେଖିପାରିବେ । ତେବେ ଲେଖାସବୁ ବଖାଣିବା/ବର୍ଣ୍ଣନା କଲାଭଳି (Narrative/Descriptive) ହେବା ଦରକାର, ତା ସଙ୍ଗେ ସଙ୍ଗେ ସେଥିରେ ବାହାର ଲିଙ୍କ ଓ ଦ୍ରଷ୍ଟବ୍ୟ ଓ ପ୍ରମାଣ ସବୁ ଦିଅନ୍ତୁ । ଉଇକିପିଡ଼ିଆରେ ଗପ, କବିତା, ଛଟା ଆଦି ରହିପାରିବ ନାହିଁ । ଲେଖାସବୁର ଭାଷା ଯେତେ ସରଳ କରିପାରିବେ ସେତେ ସାଧାରଣ ଲୋକଙ୍କ କାମରେ ଆସିବ ।



ଧିରେ ଧିରେ ଗୋଟିଏ ଲେଖାକୁ ଅନ୍ୟ ଜ୍ଞାନୀମାନେ ଠିକଭାବରେ ବଦଳାଇବାରୁ ସଭିଏଁ ଏହି ବିଷୟରେ ସନ୍ତୁଳିତ ଓ ସଠିକ ଛବି ପାଇଥାନ୍ତି । ଏହିପରି କିଛି ଗୋଟେ ବିଷୟରେ ରୁଚି ରଖିଥିବା ଲୋକେ ଏକାଠି ନିଜ ନିଜ ଭିତରେ ଜଣା ଅଜଣା କଥା ବଦେବାନେବାରେ ଲାଭ ପାଇଥାନ୍ତି ।

### ୧୫. ଓଡ଼ିଆ ଉଇକିପିଡ଼ିଆରେ ଲେଖାଲେଖି କଲେ ମୋତେ କିଛି ଆର୍ଥିକ ସାହାଯ୍ୟ ମିଳିବ କି ?

ନାଁ । ଉଇକିପିଡ଼ିଆରେ ଆପଣଙ୍କ ଅବଦାନ ପାଇଁ କିଛି ଆର୍ଥିକ ସାହାଯ୍ୟର କିଛି ବ୍ୟବସ୍ଥା ନାହିଁ । ଏହା ଏକ ଅଣ ଲାଭକାରୀ ସଙ୍ଘ ଦେଇ ପରିଚାଳିତ, ତେଣୁ ଜନସାଧାରଣଙ୍କ ଅନୁଦାନରେ ଏହା ଚାଲିଥାଏ , ଏଣୁ, ଏଠାରେ ଦାତା ମାନେ ନିଜ ଇଚ୍ଛାରେ ଲେଖାଲେଖି କରିଥାନ୍ତି । **ତେବେ** ଉଇକିପିଡିଆରେ ଲେଖାଲେଖି ଦ୍ୱାରା ଆପଣଙ୍କ ବିଭିନ୍ନ ଜ୍ଞାନ ପୁଣି ସତେଜ ହୋଇଉଠେ, ଯାହା ଆପଣ ଭୁଲିଯାଇଥାନ୍ତେ ।

### ୧୭. ଓଡ଼ିଆ ଉଇକିପିଡ଼ିଆର ଛୋଟ ଇତିହାସଟିଏ ମୋତେ କହିବେ କି ?

ଓଡ଼ିଆରେ ଟାଇପ କରିବା ଓ ପଢ଼ିବା ସେତେ ସହଜ ନଥିଲା । ଇଉନିକୋଡ଼ ବାହାରିବା ଯାଏଁ ଏହି ଅସୁବିଧା ଏମିତି ଥିଲା । କିଛି ବର୍ଷ ପରେ ଓଡ଼ିଆର ସବୁ ଅକ୍ଷରକୁ ଏକାଠି କରି ଇଉନିକୋଡ଼ ଲିପି (ଫଣ୍ଟ) ତିଆରି ହେଲା । ଓଡ଼ିଆ ଇଉନିକୋଡ଼ରେ ଥିବା ପଢ଼ିବା ଓ ଲେଖିବା ଅସୁବିଧା ଗୁଡ଼ିକୁ ସୁଧାରିବା ପରେ ଏବେ ଏହା ବ୍ୟବହାରକାରୀଙ୍କ ପାଇଁ ଭାରି ସହଜ ହୋଇ ପାରିଛି ।

ଓଡ଼ିଆ ଉଇକିପିଡ଼ିଆ (http://or.wikipedia.org) ୨୦୦୨ରେ ଆରମ୍ଭ ହୋଇଥିଲା । ପ୍ରଥମେ ଭାରତୀୟ ଭାଷାରେ ଓଡ଼ିଆ, ପଞ୍ଜାବୀ ଓ ଅସମୀଆ, ଏହି ତିନୋଟି ଭାଷାରେ ଉଇକିପିଡ଼ିଆ ତିଆରି ହୋଇଥିଲା । ହେଲେ ତା ପରେ ବିଶେଷ କିଛି କାମ ନ ହୋଇ ଏହା ସେମିତି ପଡ଼ିରହିଥିଲା । କିଛି ଦିନ ତଳେ କିଛି ଓଡ଼ିଆ ଉଇକିଆଳିଙ୍କ ଚେଷ୍ଟା ପାଇଁ ଏହା ପୁଣି ଥରେ ସଚଳ ହୋଇଛି । ମାଲାୟାଲମ ଉଇକିଆଳି ଜୁନେଦଙ୍କ ଚେଷ୍ଟାଯୋଗୁଁ ଓଡ଼ିଆରେ ଟାଇପ କରିବା ଟୁଲଟି ତିଆରି କରାଯାଇଛି ଯେଉଁଟି ଆପଣଙ୍କୁ ସହଜରେ ଟାଇପ କରିବାରେ ସାହାଯ୍ୟ କରିବ । ଓଡ଼ିଆ ଉଇକିପିଡ଼ିଆରେ ଆଗରୁ ସେତେ ବେଶି କାମ ହୋଇନାହିଁ, ତେବେ ଯେହେତୁ ଏହାର ବିକାଶ ଏଇମାତ୍ର ଆରମ୍ଭ ହୋଇଛି ତେଣୁ ଭଲ ମାନର ଲେଖା ଦେଇ ହିଁ କେବଳ ଏହାକୁ ଗୋଟିଏ ଉନ୍ନତ ଉଇକିପିଡ଼ିଆଙ୍କ ଭିତରେ ଗଣାଯାଇପାରିବ ।

### ୧୭. ଉଇକିପିଡ଼ିଆ ବାହାରେ ଆଉ କିଛି ପ୍ରକଳ୍ପ ଅଛିକି ?

ଉଇକିପିଡ଼ିଆ କାମରେ ସଫଳ ହେବାପରେ ଉଇକିମିଡ଼ିଆ ଫାଉଣ୍ଡେସନ ଅନଲାଇନ ଶବଦକୋଷ, ଉଇସିନାରି ତିଆରି କରାଗଲା । ଉଇସିନାରି ଅନେକ ଗୁଡ଼ିଏ ଭାଷାରେ ମାଗଣାରେ ମିଳୁଥିବା ଗୋଟିଏ ଶବଦକୋଷ । ଉଇକିବୁକ୍ସ- ଗୋଟିଏ ମାଗଣା ବହିର ଭଣ୍ଡାର ଯେଉଁଥିରେ ପଢ଼ା ବହି ସାଙ୍ଗକୁ ଅନେକ ମାନୁଆଲ ମିଳିପାରିବ ମାଗଣାରେ, ଉଇକିକୋଟସ- ଢଗଢମାଳି, ଲୋକକଥା, ବାଣି ଓ ଚିରକାଳ ମନେରହିବା ଭଳି କଥା ସବୁକୁ ନେଇ ଏହା ତିଆରି, କମନସ- ଏକ ଅନଲାଇନ ମିଡ଼ିଆ ସାଇତା ଜାଗା, ଯାହା ଭିତରେ ଚିତ୍ର, ଭିଡ଼ିଓ ଓ କଥା ସବୁକୁ ସାଇତାଯାଇପାରିବ ।

ଓଡ଼ିଆରେ ଖାଲି ଉଇକିପିଡ଼ିଆଟି ପାଇଁ କାମ କରାଯାଉଅଛି, ବାକି ଗୁଡ଼ିକରେ କାମ ଆରମ୍ଭ କରିବାକୁ ପଡ଼ିବ ।

## ୧୮. ଆମ ପାଖରେ ଇଂରାଜୀ ଉଇକିପିଡ଼ିଆ ଥିଲାବେଳେ ଓଡ଼ିଆରେ ଉଇକି ପ୍ରକଳ୍ପ ସବୁ କାହିଁକି ଦରକାର ?

ଉଇକିମିଡ଼ିଆ ସଙ୍ଘର (ଉଇକିପିଡ଼ିଆ ବି ଏହା ଭିତରେ ଅଛି) ମୂଳ ଲକ୍ଷ ଜ୍ଞାନକୁ ମାଗଣାରେ ଓ ସହଜରେ ଲୋକଙ୍କ ପାଖରେ ପହଞ୍ଚେଇବା, ଓଡ଼ିଆ ଉଇକିପିଡ଼ିଆ ଲୋପପାଉଥିବା ଓ ସାଧାରଣ ବ୍ୟବହାରରୁ କମିଯାଉଥିବା ଓଡ଼ିଆ ଭାଷାରେ ସେହି ଜ୍ଞାନକୁ କମ୍ପୁଟର ବ୍ୟବହାର କରିପାରୁଥିବା ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ତିଆରି କରାଯାଇଛି ।

ଏବେକାର ଯୁଗରେ ସ୍କୁଲ ପଢ଼ା ବେଶି ପିଲାଙ୍କୁ ଉପରେ ବେଶି ନଜର ଦେଇ ତିଆରି କରାଯାଉଛି, ଜ୍ଞାନ ଏକାଠି କରିବା, ପଢ଼ା ବହିର ବାହାରେ ଚିନ୍ତା କରିବା ପାଇଁ ପିଲାଙ୍କୁ ତିଆରି କରାଯାଉଛି । ସ୍କୁଲରେ, ଘରେ ସବୁଠି ଇଣ୍ଟରନେଟର ବ୍ୟବହାର ହେଉଛି, ଆଉ ତା ଦେଇ ପିଲାମାନେ ଅନେକ ସୁଯୋଗର ସୁବିଧା ନେଇ ପାରିବେ, ଖାସ କରି ଉଇକିପିଡ଼ିଆ ଓଡ଼ିଆର ଲେଖା ସବୁରୁ ଢେର କଥା ଶିଖି ପାରିବେ । ଓଡ଼ିଆ ଉଇକିପିଡ଼ିଆ ନାନାଦି ବିଭାଗ: ଇତିହାସଠୁ ଆରମ୍ଭ କରି ଭୂଗୋଳ, ତାରାବିଜ୍ଞାନ, ସାହିତ୍ୟରେ ଅନେକ କଥା ଶିଖିପାରିବେ । ଦୁନିଆଯାକର ଜ୍ଞାନକୁ ଏକାଠି କରିବାର ଏହା ସବୁଠୁ ସୁବିଧା ଓ ସଳଖ ବାଟ । ନିଜେ ଜାଣନ୍ତୁ ଓ ବାକିମାନଙ୍କୁ ବି ଜଣାନ୍ତୁ ଆଉ ତା ସଙ୍ଗେ ଆମ ଭାଷାକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରନ୍ତୁ ।

## ୧୯. ମୁଁ ଉଇକିପିଡ଼ିଆରେ ଲେଖାର ତଥ୍ୟରେ ଥିବା ଭୁଲଭଟକା ସବୁ ଉପରେ ଲେଖିବା କଥା ଭାବୁଛି, ଉଇକିପିଡ଼ିଆର ପରିଛାମାନେ ଏହା ଉପରେ କିଛି କହିବେ କି ?

ଏହିଭଳି ଭୁଲଭଟକା ବହୁ ପୁରୁଣା କାଳରୁ ଚଳିଆସିଥିବା ଚଳଣି ଉପରେ ଥିବା ଲେଖାରେ ଥାଇପାରେ । ପୁରୁଣା ଚଳଣିର କଥାସବୁ ଜାଣିବାର ମିଡ଼ିଆରେ (ଖବର କାଗଜ, ବହି, ବ୍ଲଗ, ଟେଲିଭିଜନ) ବାହାରିସାରିଥିବା ଲେଖାର ତଥ୍ୟରେ ଥିବା ଭୁଲ ଜାଣିବାର କିଛି ବାଟ ନଥାଏ, ସେସବୁ ମିଡ଼ିଆ ଓ ଉଇକିପିଡ଼ିଆ ଭିତରେ ତଫାତ ହେଉଛି ଉଇକିପିଡ଼ିଆ ଖୋଲା ଓ ସଭିଙ୍କ ଦ୍ୱାରା ବଦଳାଯାଇପାରିବ । ଉଇକିପିଡ଼ିଆ ଆପଣଙ୍କୁ ତଥ୍ୟରେ ଥିବା ଭୁଲସବୁକୁ ସୁଧାରିବାକୁ ସୁଯୋଗଦିଏ । ଉଇକିପିଡ଼ିଆରେ କେମିତି ଠିକ ଲେଖା ରହିବ ତାହା ଦେଖିବା ସବୁ ପଢ଼ାଳିଙ୍କର ମୂଳ କାମ ହେବା ଉଚିତ ଆଉ ସଭିଏଁ ଏଥିରେ ଭାଗ ନେଇ ଭୁଲ ସବୁକୁ ସୁଧାରିବା ଦରକାର ।

ଆପଣ ନୂଆ ଲେଖାଟିଏ ଲେଖିବା ବେଳେ ଟିକେ ଲେଖାର ମାନ ଓ ତଥ୍ୟସବୁ ଠିକ ଅଛି କି ନାଆଁ ଦେଖିନେବେ, ଯାହା ଲେଖାଟିକୁ ପଢ଼ିବାଯୋଗ୍ୟ କରିବ । ଉଇକିପିଡ଼ିଆରେ ଲେଖାସବୁ ଥରକରେ ଠିକ ହୁଏନାହିଁ, ଅନେକ ଥର ବଦଳ ହେବା ପରେ ଯାଇ ପୁରା ଠିକ ଲେଖାଟିଏ ମିଳେ । ତେଣୁ ଆପଣଙ୍କୁ ମାଗୁଣି, ଉଇକିପିଡ଼ିଆର ଏହି ଲେଖାରେ ଭାଗ ନିଅନ୍ତୁ, ଆଉ ଲେଖାର ଭୁଲ ସବୁ ସୁଧାରିବାରେ ଭାଗ ନିଅନ୍ତୁ । ଅନେକ ଲୋକଙ୍କ ଦ୍ୱାରା ଲେଖାଗଲେ ଲେଖାରେ ଥିବା ଭୁଲସବୁ ସୁଧୁରିଯିବ ଓ ଶେଷରେ ପୁରା ଠିକ ଲେଖାଟିଏ ପଢ଼ାଳିମାନଙ୍କ ପାଖକୁ ଆସିବ । ଆଉ ଉଇକିପିଡ଼ିଆରେ ଲେଖାସବୁ ଢେର ଶିଘ୍ର ଉଇକିଆଳିଙ୍କ ଦ୍ୱାରା ପଢ଼ା ଓ ବଦଳାଯାଏ, ତେଣୁ ଆପଣଙ୍କ ଲେଖାଟି ୫ ମିନିଟ ଭିତରେ ପୁରୁଣା ହୋଇଯାଇଥିବ ଓ ବଦଳା ଯାଇସାରିଥିବ ।

## ୨୦. ଉଇକିପିଡ଼ିଆ ଭଳି ଖୋଲା ଜ୍ଞାନକୋଷର ଭଲ ମନ୍ଦ ଗୁଣ ସବୁ କଣ ?

ଉଇକିପିଡ଼ିଆରେ ଥିବା ଲେଖା ସବୁ ବହୁ ଉତ୍ସାହୀ ଲୋକଙ୍କ ସହଯୋଗରେ ବଢ଼େ । ଉଇକିର ଯେକୌଣସି ପ୍ରସଙ୍ଗ ଧରିନିଆଯାଉ,ଏହା ବିଷୟରେ କିଛି ଲୋକଙ୍କୁ ବହୁତ ଜଣା ଥାଇପାରେ, କିଛିଙ୍କୁ ସେହି ଭାଷାର ଅନେକ କିଛି ଜଣା ଥିବ, କିଛି ବ୍ୟାକରଣରେ ପଟୁ ଆଉ କିଛି ସେହି ବିଷୟରେ ପଣ୍ଡିତ ଥିବେ । ଯେତେବେଳେ ଏମିତି ଲୋକେ ଏକାଠି ଗୋଟିଏ ବିଷୟରେ ଲେଖାଲେଖି ଆଉ ସମ୍ପାଦନା କରନ୍ତି, ଧିରେ ଧିରେ ଭଲ ଉଇକି ଲେଖାଟିଏ ଗଢ଼ିଉଠେ ।



ଉଇକି ସହ ଯୋଡ଼ା ଲୋକମାନେ ସବୁବେଳେ ସହଯୋଗ ମନୋଭାବ ନେଇ ଏଠାକୁ ଆସନ୍ତି । ଏଠି ପରସ୍ପର ଭିତରେ ଜ୍ଞାନର ଦେବାନେବା ଦ୍ୱାରା ସମସ୍ତଙ୍କର ଲାଭ ହୁଏ । କିନ୍ତୁ କାଳକ୍ରମେ କିଛି ଖଳ ଲୋକ ବି ଉଇକି ସହ ଜୋଡ଼ି ହୋଇଯାନ୍ତି ,ଯେଉଁମାନଙ୍କ ଖରାପ ବୁଦ୍ଧିକୁ ଚିହ୍ନିବାକୁ ବେଶି ସମୟ ଲାଗେ ନାହିଁ । ଉଇକିପିଡ଼ିଆର ନୀତି ଅନୁସାରେ ଆମେ ଏଠି ଲେଖୁଥିବା ବିଷୟ ସବୁ ବିଶ୍ୱାସଯୋଗ୍ୟ ସୂତ୍ରରୁ ଆସିଥିବା ଦରକାର ଓ ସତ ହେଇଥିବା ଦରକାର । କିନ୍ତୁ ଉଇକିପିଡ଼ିଆର ଖୋଲା ବଦଳ ଗୁଣ ଯୋଗୁଁ କେହି ବି କୌଣସି ବି ଲେଖାର ଭାବ ଆଉ ସତପଣିଆକୁ ବଦଳାଇପାରେ । ବହୁତ ସମୟରେ ଏହିଭଳି ଖଳ ବଦଳ ଗୁଡ଼ିକ ମନ୍ଦବୁଦ୍ଧି ବା କୁତୁହଳରେ କରାଯାଏ । କିନ୍ତୁ ଗୋଟିଏ ଜାଗୁଆ ଆଉ ଚେତା ଉଇକି ସଙ୍ଘ ଏହି ସବୁ ଖରାପ କାମକୁ ବିରୋଧ କରିଥାଏ ।

## ୨୧. କେଉଁସବୁ ଉଇକି ପ୍ରକଳ୍ପ ଓଡ଼ିଆ ଉଇକିରେ ଏବେ ସଚଳ ଅଛି ?

» ଉଇକିପିଡ଼ିଆ ( http://or.wikipedia.org ) **ଓଡ଼ିଆ ଉଇସିନାରି** ଓଡ଼ିଆ କିଛି ବର୍ଷ ତଳେ ତିଆରି କରାଯାଇଥିଲା, ହେଲେ କିଛି କାମ ନହେବାରୁ ତାକୁ ବନ୍ଦ କରିଦିଆଯାଇଛି, ଓଡ଼ିଆ ସଙ୍ଘ ସଚଳ ହେଲେ ଆମକୁ ଓଡ଼ିଆ ଉଇସିନାରି ଓ ବାକି ଉଇକି ପ୍ରକଳ୍ପ ସବୁକୁ ଆରମ୍ଭ କରିବାକୁ ପଡ଼ିବ ।

## ୨୨. ଉଇକିପିଡ଼ିଆରେ ଲେଖାଲେଖି / ବଦଳାଇବା ବିଷୟରେ କିଛି ପଚାରିବାକୁ ଥିଲେ କାହାକୁ ପଚାରିବି ?

ଉଇକି ବାବଦରେ ଥରକୁଥର ପଚରାଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଆପଣ ଓଡ଼ିଆ ଉଇକିପିଡ଼ିଆରେ ଥିବା ପୃଷ୍ଠା-

( http://or.wikipedia.org/wiki/Help:Contents )ରୁ ସାହାଯ୍ୟ ପାଇପାରିବେ । ଆପଣ ଏ ବାବଦରେ ଯେକୌଣସି ସଚଳ ଓଡ଼ିଆ ଉଇକିପିଡ଼ିଆ ଇଉଜରଙ୍କୁ ବି ପଚାରି ପାରିବେ । ତଥାପି ଯଦି ଆପଣଙ୍କ ଠିକ ଉତ୍ତର ନ ମିଳିଲା, ଆପଣ ଆମକୁ ଏହି ଠିକଣା "wikipedia-or@lists.wikimedia.org" ରେ ଇ-ମେଲ କରି ପାରନ୍ତି । ଆମେ ଏହି ଇ-ମେଲର ଯଥା ଶୀଘ୍ର ଉତ୍ତର ଦବାକୁ ଚେଷ୍ଟା କରିବୁ ।

## ୨୩. ମୁଁ ଇଂରାଜୀ ଉଇକିରେ ଲଗ ଇନ ନାଆଁ ତିଆରି କରି ସାରିଛି । ମୁଁ କଣ ସେହି ଏକା ଲଗ ଇନ ନାଆଁ ଓଡ଼ିଆ ଉଇକି ପାଇଁ ବି ବ୍ୟବହାର କରି ପାରିବି ?

ହଁ । ଆପଣ ସବୁ ଉଇକି ପ୍ରୋଜେକ୍ଟରେ ଗୋଟିଏ ଲଗ ଇନ ନାଆଁ ବ୍ୟବହାର କରି ପାରିବେ । ଏଥିପାଇଁ ଆପଣଙ୍କୁ ନିଜ ଲଗ ଇନ ନାଆଁ ବା ଖାତାକୁ ବିଭିନ୍ନ ଉଇକି ପ୍ରୋଜେକ୍ଟ ପାଇଁ ଏକୀକରଣ କରିବାକୁ ପଡିବ । ଏ ବାବଦରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ- ( http://or.wikipedia.org/wiki/Help:Contents ) କୁ ଯାଆନ୍ତୁ ବା ସାହାଯ୍ୟ ପାଇଁ ଓଡ଼ିଆ ଉଇକି ଇ- ମେଲ wikipedia-or@lists.wikimedia.org କୁ ମେଲ କରନ୍ତୁ ।

## ୨୪. ଓଡ଼ିଆ ଉଇକିପିଡ଼ିଆ ପାଇଁ ଗୁଗଲ ଓ ୟାହୁ ଗ୍ରୁପ ଭଳି କିଛି ଆଲୋଚନା ସଭା ଅଛି କି ? ମୁଁ ଓଡ଼ିଆ ଉଇକିଆଳିଙ୍କ ସଙ୍ଗେ ଅନଲାଇନ ଗପ କରିପାରିବି କି ?

ହଁ, ଓଡ଼ିଆ ଉଇକିପିଡ଼ିଆର ଏକ ମେଲ ତାଲିକା ଅଛି । ସେହି ମେଲ ତାଲିକାଟିରେ ନିଜ ନାଆଁ ଲେଖାଇ ଆପଣ ବାକି ଉଇକିଆଳିଙ୍କ ସଙ୍ଗେ ଆଲୋଚନା କରିପାରିବେ । ମେଲ ତାଲିକାରେ ନାଆଁ ଲେଖାଇବା ପାଇଁ ଏଠାକୁ- https://lists.wikimedia.org/mailman/listinfo/wikipedia-or ଯାଆନ୍ତୁ ଆଉ ଆଲୋଚନା କରନ୍ତୁ ।